# ROVERS & RANGERS ACTIVITIES 2023-24







## ସ୍କାଉଟ୍ ଗାଇଡ୍‌ସର ପ୍ରତିଷ୍ଠା ଦିବସ

ସାଲେପୁର, ୧୦।୧୧ (ନି.ପ୍ର.): ସାଲେପୁର କଲେଜ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ସ ୟୁନିଟ୍ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କଲେଜ ପରିସରରେ ସ୍କାଉଟ୍ ୟୁନିଟ୍‌ର ପତାକା ଉତ୍ତୋଳନ କରାଯାଇଥିଲା । କଲେଜ ଅଧକ୍ଷ ଡଃ ସଙ୍ଗୀତା ମିଶ୍ର




ସ୍କାଉଟ୍ ପତାକାକୁ ଉତ୍ତୋଳନ କରି ସ୍କାଉଟ୍ ଓ ଗାଇଡ୍‌ସ ଛାତ୍ରଛାତ୍ରୀମାନଙ୍କର ନିଷ୍ଠାପର ସେବାକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ରେଞ୍ଜର ଲିଡର ସ୍ୱାତିମୁକ୍ତା ଷଡ଼ଙ୍ଗୀ, ରୋଭର ଲିଡର ଅଶୋକ କୁମାର ନାୟକ, ଅଧାପିକା ଜୟନ୍ତୀବାଳା ପରିଡ଼ାଙ୍କ ସମେତ କଲେଜର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

ସମ୍ବାଦ

## ପ୍ଲାଷ୍ଟିକ୍‌ମୁକ୍ତ କ୍ୟାମ୍ପସ୍ ପାଇଁ ସାଲେପୁର କଲେଜ୍ ଛାତ୍ରଛାତ୍ରୀଙ୍କ ଶପଥ




ସାଲେପୁର, ୫/୬ (ଇମିସ): ସାଲେପୁର ସ୍ୱୟଂଶାସିତ କଲେଜ୍ ସ୍କାଉଟ୍ ଆଣ୍ଡ୍ ଗାଇଡ୍ ୟୁନିଟ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ କଲେଜ୍ ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ର ଯୋଗଦେଇ ପରିବେଶ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ପ୍ରାଧ୍ୟାପକ ଡକ୍ଟର ପ୍ରସନ୍ନ ମହାପାତ୍ର, ରେଞ୍ଜର୍ ଲିଡର ସ୍ୱାତୀ ମୁକ୍ତା ଷଡ଼ଙ୍ଗୀ, ରୋଭର୍ସ ସିନିୟର୍ ଲିଡର୍ ସତ୍ୟଜିତ୍ ସାହୁ, ବୀରେନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ କଲେଜ୍ ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ନିମନ୍ତେ ଶପଥ ନେଇଥିଲେ।

CUTTACK Edition
Page No.21 June 06, 2023



